## ସଂକ୍ଷେପରେ

### ନଦୀରେ ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା

**ବିଞ୍ଝାରପୁର,୧୯।୯(ରାମକୃଷ୍ଣ ଦାସ):** ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିବା ବୃଦ୍ଧଙ୍କ ମୃତଦେହ ମିଳିଛି। ମୃତକ ହେଲେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଞ୍ଝାରପୁର ତଳସାହିର ମଦନ ଯେନା (୭୫)। ମଦନଙ୍କ ମୃତ ଶରୀର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ପଦନିପାଳଠାରେ ଖରସ୍ରୋତ ନଦୀରେ ଭାସୁଥିବା ଜଣାପଡ଼ିଥିଲା। ଆଳି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଚିକିତ୍ସା କେନ୍ଦ୍ରକୁ ପଠାଇଛି। ମଦନ ଗତ ମଙ୍ଗଳବାର ସକାଳେ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ଖରସ୍ରୋତ ନଦୀ ଘାଟରୁ ତାଙ୍କ ଲୁଙ୍ଗି ଓ ଗୁଣ୍ଡି ଡବା ମିଳିଥିଲା। ମଦନ ଗାଧେଇବା ସମୟରେ ବୁଡ଼ିଯାଇଥିବା ସନ୍ଦେହ ହେବାରୁ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲା। ହେଲେ ତାଙ୍କୁ ଉଦ୍ଧାର କରିପାରି ନ ଥିଲା। ମଦନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଆଶାଲତା ସାହୁ, ସମାଜିକ କର୍ମୀ ଅଶୋକ ସାହୁ, ଅନୀଲ ଦାସ ଓ ଜଣେଇ ଜେନା ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ବିଞ୍ଝାରପୁର ବିଧାୟିକାଙ୍କ ଭ୍ରାତୃ ବିୟୋଗ

**ବିଞ୍ଝାରପୁର,୧୯।୯(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବଡ଼ଭାଇ କ୍ଷୀରୋଦ ଚନ୍ଦ୍ର ମଲ୍ଲିକଙ୍କ ବୁଧବାର ବିୟୋଗ ହୋଇଛି। କ୍ଷୀରୋଦ ସମ୍ବଲପୁର ଦାନପାଲିସ୍ଥିତ ନିଜ ବାସଭବନରେ ମଧ୍ୟାହ୍ନଭୋଜନ କରୁଥିବା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ତାଙ୍କ ମୃତଦେହ ଜନ୍ମ ମାଟି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ଗ୍ରାମରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲ। କ୍ଷୀରୋଦ ଜଣେ ସଂଗଠକ, ପରୋପକାରୀ, ମିଷ୍ଟଭାଷୀ ଓ ସାମାଜିକ କର୍ମୀ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା, କୈଳାସ ସେଠୀ, ମୁକ୍ତିକାନ୍ତ ସାମଲ, ଲେନିନ ଦାସ, ଶ୍ୟାମସୁନ୍ଦର ବେହେରା, ରଞ୍ଜନ କୁମାର ଜେନା ଓ ଦିଲୀପ ରାଉଳ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



### ନରସିଂହ ଚୌଧୁରୀ ମହାବିଦ୍ୟାଳୟରୁ ସାମଗ୍ରୀ ଚୋରି

**ଯାଜପୁର ଟାଉନ,୧୯।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟ ରାଜ୍ୟର ଏକ ସୁନାମଧନ୍ୟ ମହାବିଦ୍ୟାଳୟ ଏବଂ ଯାଜପୁର ଜିଲାର ଏକମାତ୍ର ସରକାରୀ ମହାବିଦ୍ୟାଳୟ। ଏଠାକୁ ରାଜ୍ୟର କୋଣ ଅନୁକୋଣରୁ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ଆସିଥାନ୍ତି। କିନ୍ତୁ କିଛିଦିନ ହେବ ନିୟମିତ ଭାବେ କଲେଜରୁ ମୂଲ୍ୟବାନ ଆସବାବ ପତ୍ର ଚୋରି ହେଉଥିବା ଶୁଣିବାକୁ ମିଳୁଛି। କିଛିଦିନ ତଳେ ସିଏଲଟିକୁ ବିଦ୍ୟୁତ୍ ସଂଯୋଗ କରୁଥିବା ବହୁ ମୂଲ୍ୟବାନ ତମ୍ବାତାର, ଜେନେରେଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଶୁଣିବାକୁ ମିଳିଛି। ସେହିପରି ରସାୟନିକ ବିଭାଗରୁ ୪ ଗ୍ୟାସ୍ ସିଲିଣ୍ଡର, ଗ୍ୟାସ୍ ପାଇପ୍‌ର ତମ୍ବାତାର, ନୂଆ ସାଇନ୍ସ ବ୍ଲକ୍ ଲାବୋରେଟୋରିରୁ ମୋଟର କେବୁଲ, ମୋଟର, ପିଏଲ୍‌ଟି, ସିଏଲଟିର ସେଣ୍ଟ୍ରାଲ ଏସିରୁ ତୁମ୍ବାତାର, ତମ୍ବା ପାଇପ, ଏସିରୁ ତୁମ୍ବାତାର ସହ ପଦାର୍ଥ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗରୁ ମଧ୍ୟ ବହୁ ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ପକ୍ଷରୁ ଯାଜପୁର ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। କେବଳ ଥାନାଧିକାରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିବା ଜଣାପଡ଼ିଛି।

# ରେଲ୍‌ୱେ ମହାପ୍ରବନ୍ଧକଙ୍କ ସହ ସଂଗ୍ରାମ ସମିତିର ଆଲୋଚନା

## ପ୍ରସ୍ତାବିତ ଯାଜପୁର ରୋଡ଼-ଧାମରା ନୂତନ ରେଳପଥ

**ଯାଜପୁର,୧୯।୯(ହର୍ଷବର୍ଦ୍ଧନ ବେହେରା):** ପ୍ରସ୍ତାବିତ ଯାଜପୁର ରୋଡ଼-ଧାମରା ନୂତନ ରେଳପଥର ଅଗ୍ରଗତି ସମ୍ପର୍କରେ ଗୁରୁବାର ସଂଗ୍ରାମ ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ ପୂର୍ବକ ଆଲୋଚନା କରିଛନ୍ତି। ରେଳବାଇ ବୋର୍ଡ଼ ସହ ପୂର୍ବତଟ ରେଳପଥ ମଧ୍ୟରେ ହୋଇଥିବା ମତ ଆଦାନ ପ୍ରଦାନରେ ଅଗ୍ରଗତି ହୋଇଛି। ଏଥିପାଇଁ ତତ୍ପରତା ପ୍ରକାଶ ପାଇବା ସହ ପ୍ରକଳ୍ପର ମୂଲ୍ୟାୟନ ଚାଲିଛି ବୋଲି ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୂଚନା ଦେଇଛନ୍ତି।

ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ପ୍ରତିନିଧି ଦଳ ତାଙ୍କ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ରେଳବାଇ ବୋର୍ଡ଼ ପାଖରେ ଉପସ୍ଥାପିତ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର)ର ମୂଲ୍ୟାୟନକୁ ନେଇ ବୋର୍ଡ଼ ପକ୍ଷରୁ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରାଯିବା ସ୍ୱାଗତଯୋଗ୍ୟ। ମାତ୍ର ଏହି ମୂଲ୍ୟାୟନ ସମୟରେ ଲାଭର ସମ୍ଭାବନା ସଂକ୍ରାନ୍ତୀୟ ଆକଳନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ଡିପିଆରରେ ୧୪.୫୧ ପ୍ରତିଶତ ଫାଇନାନ୍ସିଆଲ ଇଣ୍ଟରନାଲ ରେଟ ଅଫ୍ ରିଟର୍ନ(ଏଫଆଇଆରଆର) ଓ ୨୪.୨୨ ପ୍ରତିଶତ ଇକୋନୋମିକ ଇଣ୍ଟରନାଲ ରେଟ୍ ଅଫ୍ ରିଟର୍ନ(ଇଆଇଆର୍‌ଆର୍)ର ଯେଉଁ ଆକଳନ କରାଯାଇଛି, ତାହା ବାସ୍ତବତାଠାରୁ ଯଥେଷ୍ଟ କମ ଅଟେ। ପ୍ରକଳ୍ପ ମଞ୍ଜୁରୀ ପାଇଁ ଲାଭର ସମ୍ଭାବନା ସଂକ୍ରାନ୍ତୀୟ ଆକଳନ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ଯଥାଯଥ ସଂଶୋଧନ କରାଯିବା କଥା। ଏପରି କି ଡିପିଆରରେ ଯେଉଁ ଆକଳନ କରାଯାଇଛି, ତାହା ମଧ୍ୟ ପ୍ରକଳ୍ପ ମଞ୍ଜୁରୀ ପାଇଁ ଆବଶ୍ୟକତା ଥିବା ଶତକଡା ୧୦ ଭାଗ ଲାଭର ସମ୍ଭାବନାଠାରୁ ଅଧିକ ଥିବାରୁ କାଳବିଳମ୍ବ ନ କରି ପ୍ରକଳ୍ପକୁ ରେଳବାଇ ବୋର୍ଡ଼ ମଞ୍ଜୁରୀ ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଥିଲେ। ଡିପିଆରରେ ପ୍ରଥମରୁ ସ୍ୱୀକାର କରାଯାଇଛି ଯେ, ଏହି ରେଳପଥ ନିର୍ମାଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ବ୍ୟାପକ ଦାବି ହେଉଛି। ଆହୁରି ଦର୍ଶାଯାଇଛି ଯେ, ଭଦ୍ରକ- ଧାମରା ଘରୋଇ ରେଳପଥ ବ୍ୟତୀତ ବନ୍ଦରରୁ ଓ ବନ୍ଦରକୁ ମାଲ ପରିବହନ ପାଇଁ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ପ୍ରାକୃତିକ ଦୁର୍ବିପାକ ସମୟରେ ବନ୍ଦର ଓ ରେଳପଥ ଅଚଳ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଯାଜପୁର ରୋଡ଼-ଧାମରା ରେଳପଥ ନିର୍ମାଣ କରାଯାଇ ବିକଳ୍ପ ବ୍ୟବସ୍ଥା କରିବାକୁ ଡିପିଆରରେ ପ୍ରସ୍ତାବ ଦିଆଯାଇଛି।

ଏହି ପ୍ରତିନିଧି ଦଳରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ପ୍ରଫୁଲ୍ଲ ସାମଲ, ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ମଳୟ କୁମାର ପଣ୍ଡା, ଭବପ୍ରସାଦ ଦାସ, ସତ୍ୟପ୍ରକାଶ ବେହୁରିଆ, ପ୍ରଫୁଲ୍ଲ ନାୟକ, ଭାଗୀରଥୀ ସାହୁ, ଦିଲ୍ଲୀପ କୁମାର ଦଳେଇ, ସୁବାସ ଧଳ, ଚନ୍ଦ୍ରଶେଖର ନାୟକ, ବାବୁଲି ପାତ୍ର, ଇତିଶ୍ରୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।



ରେଲ୍‌ୱେ ମହାପ୍ରବନ୍ଧକଙ୍କୁ ସଂଗ୍ରାମ ସମିତିର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

## ଅଗ୍ନିକାଣ୍ଡରେ ଗୃହ ମାଲିକ ଗୁରୁତର

**ଚଣ୍ଡିଖୋଲ,୧୯।୯ (ପ୍ରଦୀପ୍ତ କୁମାର ପୃଷ୍ଟି):** ଜାତୀୟ ରାଜପଥ କଡ଼ କୁନ୍ଦଳ ଛକ ନିକଟ କଉଡ଼କୋଲ ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯିବା ସହ ଘର ମଲିକ ପ୍ରକାଶ ବଳ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ସକାଳେ ହଠାତ ପ୍ରକାଶଙ୍କ ଘରେ ନିଆଁ ଲାଗିଥିଲା। ଫଳରେ ସଙ୍ଗେସଙ୍ଗେ ଘର ଧୂଆଁମୟ ହୋଇଯାଇଥିଲା। ଦୁଇ ତାଲା ବିଶିଷ୍ଟ କୋଠା ଘରେ ପଶିବା କଷ୍ଟକର ହୋଇଥିଲା। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରକାଶ ପେଟ୍ରୋଲ ଓ ଡିଜେଲ ବ୍ୟବସାୟ କରନ୍ତି। ଘରେ ବହୁ ପରିମାଣର ପେଟ୍ରୋଲ, ଡିଜେଲ ଗଚ୍ଛିତ ଥିବାରୁ ଏଭଳି ଦୁର୍ଘଟଣା ଘଟିଛି। ପ୍ରଥମେ ରୋଷେଇ ଘରୁ ଗ୍ୟାସ ଲିକ ହୋଇ ନିଆଁ ଲାଗିଥିଲା। ଏହି ନିଆଁ ପେଟ୍ରୋଲ ଡିଜେଲକୁ ଧରିବାରୁ ତାହା ବ୍ୟାପକ ହୋଇଥିଲା। ଘରୁ ଆସବାବପତ୍ର ବାହାର କରିବାକୁ ଯାଇ ପ୍ରକାଶ ଗୁରୁତର ହୋଇଛନ୍ତି। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ଆସବାବପତ୍ର ଉଦ୍ଧାର କରିପାରିନାହିଁ।



# ଖରସ୍ରୋତା ନଦୀକୁ ଡେଇଁ ମହିଳା ନିଖୋଜ

**ଯାଜପୁର ଟାଉନ/ଯାଜପୁର ସଦର,୧୯।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ):** ଯାଜପୁରସଦର ଥାନା ଅନ୍ତର୍ଗତ ବରୁଆଁ ନିକଟ ଖରସ୍ରୋତା ନଦୀର ରାଜଘାଟ ପୋଲ ଉପରୁ ଡେଇଁ ଗୁରୁବାର ଜଣେ ମହିଳା ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ କାଣ୍ଡସର ଗ୍ରାମର ବିଶ୍ୱଜିତ ସାମଲଙ୍କ ସ୍ତ୍ରୀ ମନ୍ଦାକିନୀ ସାମଲ। ମନ୍ଦାକିନୀ ଏକ ସ୍କୁଟି ନଂ. ଓଡି୩୪କ୍ୟୁ୨୫୬୨ ଓ ଏକ ମୋବାଇଲ୍ ଫୋନ୍, ଚପଲ ହେଲମେଟ୍‌କୁ ପୋଲ ଉପରେ ରଖି ନଦୀକୁ ଡେଇଁ ପଡ଼ିଛନ୍ତି। ଖବର ପାଇ ଯାଜପୁରସଦର ଥାନା ପୋଲିସ ପହଞ୍ଚି ବରୁଆଁ ଅଗ୍ନିଶମ ବାହିନୀର ସହାୟତାରେ ଖୋଜାଖୋଜି କରିଛି। ହେଲେ ମହିଳାଙ୍କ ପତ୍ତା ମିଳି ପାରିନାହିଁ। ତେବେ ମହିଳା ଜଣକ କାହିଁକି ଏଭଳି ନିଷ୍ପତ୍ତି ନେଲେ ସେ ସମ୍ପର୍କରେ ପୋଲିସ ଅନୁସନ୍ଧାନ ଜାରି ରଖିଛି। ମହିଳା ଜଣକ ଅଙ୍ଗନୱାଡି ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।



ଅଗ୍ନିଶମ ବାହିନୀ ନଦୀରେ ଖୋଜାଖୋଜି କରୁଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପାଣିକୋଇଲି,୧୯।୯(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବ୍ରଜନଗରଠାରେ ବୁଧବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ଦୋହରାପାଟଣା ଗ୍ରାମର ବିନୋଜ ଜେନାଙ୍କ ପୁଅ ଦୀପକ ଜେନା(୨୫)। ସେ ଏକ ବାଇକ୍ ଯୋଗେ ପାଣିକୋଇଲି ପଟୁ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ସାଢ଼େ ୧୦ଟାରେ ଅଜଣା ଗାଡି ଧକ୍କାଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଛିଡ଼ିଯିବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଦୀପକଙ୍କ ଦାଦା ପ୍ରଶନ୍ନ କୁମାର ଜେନା ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ.୩୮/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲେ ପୁରାତନ ଛାତ୍ରୀଛାତ୍ର



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ବିଧାୟକ ଓ ଅତିଥି।

**ବରୀ,୧୯।୯(ମହେନ୍ଦ୍ର ସ୍ୱାଇଁ):** ବରୀ ଶିକ୍ଷା ମଣ୍ଡଳ ଅଧୀନ ନବଭାରତୀ ବିଦ୍ୟା ଭବନର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ବୈଠକରେ ବିଧାୟକ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଏବଂ ଶିକ୍ଷା ଦାନ କ୍ଷେତ୍ରରେ ଛାତ୍ରୀଛାତ୍ର ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସବୁପ୍ରକାର ସହଯୋଗର ହାତ ବଢ଼ାଇବେ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ ସାମଲ, ବ୍ଲକ ଶିକ୍ଷା ଅଧିକାରୀ ଭିକାରି ଚରଣ କବି, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ମିଶ୍ର, ପୁରାତନ ଛାତ୍ର ସଂସଦ ସଭାପତି ଡା. କୈଳାସ ଚନ୍ଦ୍ର ପତି, ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକାରୀ କମିଟି ସଭାପତି ସତ୍ୟ କର, ପ୍ରାକ୍ତନ ସରପଞ୍ଚ କେଦାର ସାମଲ, କିମ୍ବିରିଆପାଳ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ପୁରାତନ ଛାତ୍ରୀଛାତ୍ର ଓ ବୃଦ୍ଧିଜୀବୀ ଯୋଗ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୌର ପରିଷଦର ଅଧିକାରୀ ଓ କର୍ମଚାରୀ।

**ଯାଜପୁରରୋଡ୍,୧୯।୯ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରେ ସଂସ୍କୃତି ଭବନ ପରିସରରେ ଉଦ୍‌ଯାପିତ ହେବ। ଏହି ସମୟ ମଧ୍ୟରେ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସହରବାସୀଙ୍କୁ ସଚେତନ କରାଯିବା ସହ ଚିତ୍ରାଙ୍କନ, ସାଇକ୍ଲୋଥନ, ନାଟକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଏବଂ ପୌର ନିର୍ବାହୀ ଅଧିକାରୀ ନମ୍ରତା ମୋଦି ଶୁଭାରମ୍ଭ କରିଥିଲେ। ଚୋରଦାସ୍ଥିତ କାଳୀ ମେଳଣ ପଡ଼ିଆରୁ ଏକ ସଚେତନତା ରାଲି ବାହାରି ଯାଜପୁରରୋଡ୍ ଆଦର୍ଶ ଥାନା ପରିସରରେ ପହଞ୍ଚିଥିଲା। ସେଠାରେ ଥାନା ଏସ୍ଆଇ ଅଜୟ କୁମାର ସାହୁ ଓ ଅନ୍ୟ ଅଧିକାରୀମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ମହିଳା ସ୍ୱେଚ୍ଛାସେବୀ, ସ୍ୱଚ୍ଛସାଥୀ, କିନ୍ନର ସଂଘ, ସମସ୍ତ ପୌର ଏବଂ ସଫେଇ କର୍ମଚାରୀ ସହଯୋଗ କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ପରିଷ୍କାର ପରିଚ୍ଛନ୍ନ ପାଇଁ ବିଭିନ୍ନ ବର୍ଗ ଏବଂ ୱାର୍ଡକୁ ସମ୍ବର୍ଦ୍ଧିତ କରାଯିବା ସହ ସୁଇପରମାନଙ୍କୁ ସୁରକ୍ଷା ସାରଞ୍ଜାମ (ପିପି କିଟ) ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୌରପରିଷଦର ବହୁ କାଉନସିଲର ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଧର୍ମଶାଳା,୧୯।୯(ବଟକୃଷ୍ଣ ପରିଡା):** ଧର୍ମଶାଳା ବ୍ଲକ୍ ଅଧୀନ ପାଟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବକୀ ପଣ୍ଡାଙ୍କ ପରଲୋକ ହୋଇଯାଇଛି। ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମର କୁଳମଣି ପଣ୍ଡାଙ୍କ ସ୍ତ୍ରୀ ଦେବକୀ କିଛି ଦିନ ହେବ ଅସୁସ୍ଥ ହୋଇ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀର ଗାଁକୁ ଫେରିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଦେବକୀ ୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ପାଟପୁର ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ।

## ଓଲଟିଲା ଚିଙ୍ଗୁଡ଼ି ବୋଝେଇ ଗାଡ଼ି, ବୋହିନେଲେ ଲୋକ

**ପାଣିକୋଇଲି,୧୯।୯(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ଛକ ନିକଟରେ ବୁଧବାର ରାତିରେ ଏକ ଚିଙ୍ଗୁଡ଼ି ବୋଝେଇ ପିକଅପ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ସୁଯୋଗରେ ସେଠାରେ ଥିବା ଲୋକେ ଚିଙ୍ଗୁଡ଼ି ପେଟିଗୁଡ଼ିକୁ ବୋହି ନେଇଛନ୍ତି। ଦୁର୍ଘଟଣାରେ ଚାଳକ ଓ ଖଲାସୀ ଆହତ ହୋଇଥିବା ସୂଚନା ମିଳିଛି।

ଗଞ୍ଜାମରୁ ଏହି ପିକଅପ ଭ୍ୟାନ୍ ଚିଙ୍ଗୁଡ଼ି ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିଲା। ଟିକର ଗ୍ରାମ ନିକଟରେ ଗାଡ଼ି ପଛ ଏକସେଲ ଭାଙ୍ଗିଯିବାରୁ ତାହା ଓଲଟିପଡ଼ିଥିଲା। ଫଳରେ ଚିଙ୍ଗୁଡ଼ିପେଟି ଗୁଡ଼ିକ ଛିନଛତ୍ର ହୋଇ ପଡ଼ିଥିଲା। ଖବର ପାଇଁ ରାଜପଥ ପାଟ୍ରୋଲିଂ ଅଧିକାରୀ ପ୍ରମୋଦ ବିନ୍ଧାଣୀ, ଥାନା ଏସ୍ଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ଆହତ ଚାଳକ ଓ ଖଲାସୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।



## ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା



ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

**କାଏମା,୧୯।୯(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାଥ ମଲ୍ଲିକଙ୍କ ସ୍ମୃତିଚାରଣ ସଭା କାଏମାସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଭାଜପା ନେତା କାହ୍ନୁଚରଣ ଦାସ, କଂଗ୍ରେସ ନେତା କିଷାନ ପଣ୍ଡା, ସାହିତ୍ୟିକ ଗୋଲଖ ପଲେଇ, ପୂର୍ଣ୍ଣଚନ୍ଦ୍ର ତରାଇ, ଗୌରାଙ୍ଗ ପଣ୍ଡା, ପହଲି ପଣ୍ଡା ପ୍ରମୁଖ ଯୋଗଦେଇ ଦେବେନ୍ଦ୍ରଙ୍କ ଲୋକପ୍ରିୟତା ଉପରେ କହିଥିଲେ। ଦେବେନ୍ଦ୍ରଙ୍କ ପୁତ୍ର ବୈଜ୍ଞାନିକ ସତ୍ୟପ୍ରସନ୍ନ ମଲ୍ଲିକ ଆତ୍ମବିଭୋର ହୋଇ ବାପା ଦେବେନ୍ଦ୍ରଙ୍କ ବିଷୟରେ ଅନେକ ଅକୁହା କଥା କହିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି

**ଝୁମ୍ପୁରୀ,୧୯।୯(ସରୋଜ ନାୟକ):** ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆକାଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଯୋଜନାରେ କାର୍ଯ୍ୟପାଇଁ ଡିମାଣ୍ଡ କରୁଥିବା ଶ୍ରମିକମାନଙ୍କୁ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇଦେବା ନିମନ୍ତେ ବ୍ଲକ୍ ପ୍ରଶାସନ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ବ୍ଲକ୍ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ଏପିଓ ଭକ୍ତିଲତା ମହାରଣା, କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କେଫ୍, ଚିତ୍ତରଞ୍ଜନ ଶତପଥୀ, ଫକୀର ମୋହନ ଦଳାଇ, ଅମୀୟ କୁମାର ରାଉତ, କରୁଣାକର ପରିଡ଼ା, ଅର୍ଦ୍ଧେନ୍ଦୁ ମଲ୍ଲିକଙ୍କ ସହ ଜଙ୍ଗଲ ବିଭାଗ ଅଧିକାରୀ, ଉଦ୍ଭିଦ ବିଭାଗ ଅଧିକାରୀ, ସବୁ ପଞ୍ଚାୟତର ଜନପ୍ରତିନିଧି ଏବଂ ସାଧାରଣ ଲୋକେ ଶିବିରରେ ଯୋଗଦେଇଥିଲେ। ଆଗାମୀ ଆର୍ଥିକ ବର୍ଷରେ ଶ୍ରମିକମାନେ କିପରି ଅଧିକ ଦିନ କାର୍ଯ୍ୟ କରିପାରିବେ ସେଥିନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଥିଲା।




ଜନଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀ।

**ସଂକ୍ଷେପରେ**

## ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ

ପଟ୍ଟାମୁଣ୍ଡାଇ,୧୯।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅଳଭା ଭାୟା ଗଣ୍ଡାଖିଆ କେନ୍ଦ୍ରାପଡ଼ା ଯାଇଥିବା ରାସ୍ତାରେ ଗୁରୁବାର ସକାଳେ ଭାରସାମ୍ୟ ହରାଇ ଏକ ଆମ୍ବୁଲାନ୍ସ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀଙ୍କୁ ନେଇ ଆମ୍ବୁଲାନ୍ସଟି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲା। ସେଠାରେ ରୋଗୀଙ୍କୁ ଛାଡ଼ି ଫେରିବା ବାଟରେ ଭୋର ୫ଟାରେ ଖଡ଼ିଅଣ୍ଟା ନିକଟରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ି ବିଦ୍ୟୁତ୍ ଖୁଣ୍ଟରେ ବାଡ଼େଇ ହୋଇ ଅଟକି ଯାଇଥିଲା। ଫଳରେ ସେଥିରେ ଥିବା ଚାଳକ ସାମାନ୍ୟ ଆହତ ହୋଇଥିଲେ। ଅପରପକ୍ଷେ ଗ୍ରାମାଞ୍ଚଳ ଥାନାରେ ଏ ନେଇ ଅଭିଯୋଗ ହୋଇଥିବା ଜଣାପଡିଛି।

# ଦୁର୍ବିପାକ ବେଳେ ସହାୟତା କରିବ ପାୱାର ବୋଟ୍

ମହାକାଳପଡ଼ା,୧୯।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ମହାନଦୀ ଫେରିଘାଟରେ ଭାସମାନ ଜେଟି ସହ ପହଞ୍ଚିଲା ବୋଟ୍
- ଖୁବ୍‌ଶୀଘ୍ର ସାଧାରଣ ଯାତ୍ରୀବାହୀଙ୍କ ପାଇଁ ଲୋକାର୍ପିତ
- ତାଲିମପ୍ରାପ୍ତ ଦକ୍ଷ ଚାଳକ ରହିବେ



ବ୍ଲକ ଅଧୀନ ମହାନଦୀ ଫେରିଘାଟରେ ପହଞ୍ଚିଲା ପାୱାର ବୋଟ୍ ସହ ଭାସମାନ ଜେଟି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବହୁ ଚର୍ଚ୍ଚିତ ବାହାକୁଦ, ମୁଷାଡ଼ିଆ, ମହାନଦୀ ଫେରିଘାଟ ଜିଲାରେ ସର୍ବୋତ୍ତମ ରାଜସ୍ୱ ନିଲାମ ହେଉଥିବା ଘାଟ। ଏହି ଫେରି ଘାଟ ୭୦ଲକ୍ଷ ଟଙ୍କାରୁ ଅଧିକ ନିଲାମ ହୋଇଥାଏ। ବିଗତଦିନରେ ଏହି ଫେରି ଘାଟରେ ସାମୁଦ୍ରିକ ବଡ଼ ଜୁଆର, ମହାନଦୀରେ ବଡ଼ ବନ୍ୟା ସ୍ରୋତରେ ଫେରି ଘାଟ ଯାତ୍ରୀବାହୀ ଡଙ୍ଗା ଅଚଳ ହେବାରୁ ସମୁଦ୍ର ମୁହାଣ ମୁହଁରେ ଡଙ୍ଗା ଫସିବା ଓ ବିଳମ୍ବିତ ରାତିରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବାରେ ଅସୁବିଧା ହେଉଥିଲା। ଫଳରେ ଯାତ୍ରୀ, ଶ୍ରମିକମାନେ ଜୀବନ ପ୍ରତି ବିପଦ ରହିଥିଲା। ମହାନଦୀରେ ଶ୍ରମିକମାନଙ୍କ ସୁରକ୍ଷିତ ଭାବେ ଯାତାୟାତ ସୁବିଧା ପାଇଁ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ପକ୍ଷରୁ ଏକ ଭାସମାନ ଜେଟି ସହ ପାୱାର ବୋଟ ବ୍ଲକ ପ୍ରଶାସନକୁ ସପ୍ତାହେ ପୂର୍ବରୁ ଯୋଗାଇ ଦିଆଯାଇଛି। ଏହି ପାୱାର ବୋଟ ରାମନଗର ପଞ୍ଚାୟତ ଦ୍ୱାରା ବାହାକୁଦ ଫେରି ଘାଟରେ ପହଞ୍ଚିଛି। ଏହାକୁ ପଞ୍ଚାୟତ ପରିଚାଳନା କରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏଠାରେ ପ୍ରଶ୍ନ ଉଠେ ପାୱାର ବୋଟ ଚଳାଇବାକୁ ଦକ୍ଷ ତାଲିମପ୍ରାପ୍ତ ଚାଳକଙ୍କ ଆବଶ୍ୟକତା ରହିଛି। ଯେଉଁ ଚାଳକ ଦୁର୍ବିପାକ ସମୟରେ ସମୁଦ୍ରର ବଡ଼ ବଡ଼ ସ୍ରୋତ, ଲହଡ଼ିକୁ ଅତିକ୍ରମ କରି ଦୁର୍ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଯାତ୍ରୀମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇପାରିବ। ଅପରପକ୍ଷରେ ଦୈନନ୍ଦିନ ପାରାଦୀପ ଶିଳ୍ପାଞ୍ଚଳକୁ ଯାଉଥିବା ଶତାଧିକ ଶ୍ରମିକଙ୍କ ପାଇଁ ଏହି ଯାତ୍ରୀବାହୀ ଏକ ବଡ଼ ପାୱାର ବୋଟ ଷ୍ଟିଲ କର୍ତ୍ତୃପକ୍ଷ ଯୋଗାଇ ଦେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏହି ପାୱାର ବୋଟ ଶ୍ରମିକମାନଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାକୁ ସୁଚାରୁ ରୂପେ ପରିଚାଳନା ପାଇଁ ପର୍ଯ୍ୟାୟକ୍ରମେ ସ୍ଥାନୀୟ ଯୁବକମାନଙ୍କୁ ତାଲିମ ପ୍ରଦାନ କରାଯାଇ ଚାଳକ ନିଯୁକ୍ତି ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ବିଡିଓ ସାଗର ରଞ୍ଜନ ନନ୍ଦଙ୍କୁ ପଚାରବାରେ ପାୱାର ବୋଟ ଶ୍ରମିକମାନଙ୍କ ପାରାଦୀପ ଶିଳ୍ପାଞ୍ଚଳକୁ ଯାତାୟାତରେ ସୁରକ୍ଷା ଦେଇପାରିବ। ଖୁବ୍‌ଶୀଘ୍ର ଜନସଧାରଣଙ୍କ ସେବାରେ ଉତ୍ସର୍ଗୀକୃତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସମୁଦ୍ର ସଫା ରହିଲେ ଜୈବ ସୁରକ୍ଷା ରହିବ



ସମୁଦ୍ର ପାଣିରେ ଭାସୁଥିବା ତୈଳାକ୍ତ ଅସ୍ତରଣକୁ ସଫା କରାଯାଉଛି।

ପାରାଦୀପ,୧୯।୯(ଶରତ ରାଉତ)

**ସାମୁଦ୍ରିକ ତୈଳାକ୍ତ ପ୍ରଦୂଷଣ, କୋଷ୍ଟଗାର୍ଡ ପକ୍ଷରୁ ସଫେଇ, ସଚେତନତା**

ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ୨ ଦିନିଆ ସାମୁଦ୍ରିକ ତୈଳାକ୍ତ ପ୍ରଦୂଷଣ ମକ୍‌ଡ୍ରିଲ୍ ଓ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଶେଷ ହୋଇଛି। ଏଥିରେ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ବରଦ ଜରିଆରେ ସମୁଦ୍ର ମଧ୍ୟରେ ପାଣିରେ ଭାସୁଥିବା ତୈଳାକ୍ତ ଆସ୍ତରଣକୁ ବୈଷୟିକ ପଦ୍ଧତିରେ ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର, ଗୋପାଳପୁର ବନ୍ଦର, ଧାମରା ବନ୍ଦର, ଏଚ୍‌ପିସିଏଲ, ଆଇଓସିଏଲ୍, ବିପିସିଏଲ୍ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଦି ସଂସ୍ଥାର ପ୍ରତିନିଧିମାନେ ସାମିଲ ହୋଇଥିଲେ। ସମୁଦ୍ରରେ ଅଧିକ ମାତ୍ରାରେ ଟ୍ରଲର ଓ ଜାହାଜ ଯାତାୟାତ ଯୋଗୁ ସେଥିରେ ତୈଳ ଆସ୍ତରଣ ହୋଇଗଲାଣି। ସେହି ପ୍ରଦୂଷଣ ଜଳଜୀବ ଓ ପର୍ଯ୍ୟଟନ ଶିଳ୍ପ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ସମୁଦ୍ରରେ ଜୈବ ସୁରକ୍ଷା ପାଇଁ ସଫା ରହିବା ଜରୁରୀ ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି।

## ତଳକୁସୁମା ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳନ

ପାଟକୁରା,୧୯।୯(ରବୀନ୍ଦ୍ର ନାଥ ବାରିକ)



ବିଧାୟକ ଅରବିନ୍ଦ ମହାପାତ୍ର ଶ୍ରୀମଦ୍ ଭାଗବତ, ନିତାଇ ଗୌରାଙ୍ଗ ବିଗ୍ରହଙ୍କୁ ଶୋଭାଯାତ୍ରାରେ ନେଉଛନ୍ତି।

ପାଟକୁରାର ପୂର୍ବତନ ବିଧାୟକ ବିଜୟ ମହାପାତ୍ରଙ୍କ ତଳକୁସୁମା ବାସଭବନରେ ବୁଧବାର ଇନ୍ଦ୍ରପୂର୍ଣ୍ଣିମାରେ ଭାଗବତ ଜନ୍ମ ଉତ୍ସବ ପାଳନ କରାଯାଇଛି। ଏଥିପାଇଁ ବିଜୟଙ୍କ ଘର ଉତ୍ସବ ମୁଖରୀତ ହୋଇଉଠିଥିଲା। କୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀମଦ୍ ଭାଗବତ ଓ ନିତାଇ ଗୌରାଙ୍ଗ ଠାକୁରଙ୍କୁ ପୁତ୍ର ତଥା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର କୋଳରେ ଧରି ଗ୍ରାମ ପରିକ୍ରମା କରାଇଥିଲେ। ତଳକୁସୁମା-ଗୋବିନ୍ଦପୁର ହାଇସ୍କୁଲ ନିକଟରୁ ଠାକୁରଙ୍କ ଶୋଭାଯାତ୍ରା ତଳକୁସୁମା ଗ୍ରାମ ଦେଇ ଠାକୁରାଣୀ ଆମ୍ବିଳେଇଙ୍କ ନିକଟରେ ପହଞ୍ଚିବା ପରେ ବିଜୟଙ୍କ ଭାଗବତ ଟୁଙ୍ଗୀରେ ଠାକୁର ପ୍ରବେଶ କରିଥିଲେ। ଶୋଭାଯାତ୍ରା ପୂର୍ବରୁ ଗ୍ରାମ ରାସ୍ତାରେ ମହିଳାମାନେ ଚିତା ପକାଇଥିଲେ। ଠାକୁର ଆସିବାବେଳେ ବନ୍ଦାପନା କରଥିଲେ। ନମ ସଂକୀର୍ତ୍ତନ ସାଙ୍ଗକୁ ହରିବୋଲ, ହୁଳହୁଳି ଧ୍ୱନି ଭିନ୍ନ ପରିବେଶ ସୃଷ୍ଟି କରୁଥିଲା। ବିଜୟଙ୍କ ବସଭାବନରେ ପ୍ରାୟ ୪ ହଜାରରୁ ଅଧିକ ଶୁଭେଚ୍ଛୁ, ରାଜନେତା ଓ ଦଳୀୟ କର୍ମୀ ଯୋଗଦେଇଥିଲେ। ପଣ୍ଡିତ ଅଭୟ ଶତପଥୀ, କୀର୍ତ୍ତନ ସଂଘ ସଭାପତି ଯୁଧିଷ୍ଠିର ଦାସ ଓ ବାବା ଗଗନ ଦାସ ପ୍ରମୁଖ ଭାଗବତ ଉପରେ ପ୍ରବଚନ ଦେଇଥିଲେ। ସଂସାର, ବନ୍ଧପଡ଼ା, ଶୁବଳା, କୁମାରପଡ଼ା, ନରସିଂହପୁର, କଳାବୁଦା, ଗୋବିନ୍ଦପୁର ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଠାକୁରଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଅଧ୍ୟାପକ ଭୁବନ ମୋହନ ଜେନା, ଡେରାବିଶ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ, ଜିଲା ପରିଷଦ ସଭାନେତ୍ରୀ ଲିଳିତା ଦାସ, ଜିଲା ପରିଷଦ ସଦସ୍ୟ ପ୍ରମୋଦ ରଥ, ଗଣେଶ୍ୱର ସାମଲ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ସମେତ ଡେରାବିଶ ବ୍ଲକ, ଗରଦପୁର ବ୍ଲକ ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରୁ ସରପଞ୍ଚ, ସମିତିସଭ୍ୟ, ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କ୍ଷୀତିଶ ଦାସ, ନବଘନ ନାୟକ, ଅଜୟ ଦାସ, ପ୍ରଫୁଲ୍ଲ ସାମଲ, ନିହାର ରଞ୍ଜନ ବେହେରା ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜିଗରଣରେ ଭାଗବତ ଜନ୍ମ ଉତ୍ସବ

ପଟ୍ଟାମୁଣ୍ଡାଇ,୧୯।୯(କଳ୍ପତରୁ ନାୟକ)

ଇନ୍ଦ୍ର ପୂର୍ଣ୍ଣିମା ଓ ଭାଗବତ ଜନ୍ମ ଉତ୍ସବ ଅବସରରେ ଜିଗରଣସ୍ଥିତ ଶ୍ରୀ ଶ୍ରୀସିଦ୍ଧେଶ୍ୱର ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଧର୍ମ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବାବାଜୀ ରାମହରି ଦାସ ଭାଗବତ ଜନ୍ମ ବିଷୟରେ ଆଲୋକପାତ କରିବା ସହ ଭାଗବତ କିପରି ଧର୍ମ, ସଂସ୍କୃତି ଓ ଜନ ମାନସରେ ଗଭୀର ପ୍ରଭାବ ପକାଇଛି ବର୍ଣ୍ଣନା କରିଥିଲେ। ସନ୍ଧ୍ୟାରେ ନଗର କୀର୍ତ୍ତନ ଗ୍ରାମ ପରିକ୍ରମା କରିଥିଲା। ସଙ୍ଗୀତଗୁରୁ ରବୀନ୍ଦ୍ର ନାୟକ, ନରହରି ଦାସ ଓ ଗୌରାଙ୍ଗ ରାଉତ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ଭଳ, ବେଲାଳସେନ ପରିଡ଼ା , ବିଦ୍ୟାଧର ମହାନ୍ତି, ଗୋକୁଳ ଚନ୍ଦ୍ର ରାଉତ, ଭାବଗ୍ରାହୀ ରାଉତ, ସୁଦର୍ଶନ ଦାସ, କେଶବ ଚନ୍ଦ୍ର ରାଉତ, ଅକ୍ଷୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅପହରଣକାରୀଙ୍କ କବଳରୁ ଖସି ଆସିଲେ କମଳାକାନ୍ତ

ରାଜନଗର, ୧୯।୯(ଭାସ୍କର ରାଉତରାୟ)



**ରେଲୱେ ଷ୍ଟେଶନରୁ ବନ୍ଧୁକ ଦେଖାଇ ଅପହରଣ କରିଥିଲେ**

ରାଜନଗର ଥାନା ଘଡ଼ିଆମାଳ ପଞ୍ଚାୟତ ବଳରାମପୁର ଗାଁର କମଳାକାନ୍ତ ବେହେରା (୩୨) ଅପହରଣକାରୀଙ୍କ କବଳରୁ ଜୀବନ ରକ୍ଷା କରି ଖସି ଆସିବାରେ ସକ୍ଷମ ହୋଇଛନ୍ତି। ୩ଦିନ ଧରି ଚାବୁକ ପାହାର ସହ ଅଖିଆ ଅପିଆ ରହିଥିବା କମଳାକାନ୍ତ ବାଥରୁମ ପଟ ଦେଇ ରାତି ଅଧରେ ଖସି ଆସିଛନ୍ତି। କମଳାକାନ୍ତ ଗୁରୁବାର ରାତିରେ ଭୁବନେଶ୍ୱରରେ ଓହ୍ଲାଇବା ପରେ ୩ଦିନ କାଳରାତ୍ରିର କଳା କାହାଣୀ ବଖାଣିଛନ୍ତି। କମଳାକାନ୍ତ ଚାଲିପାରୁ ନ ଥିବାବେଳେ କଥା ବି ଠିକ୍ ସେ କହିପାରୁନାହାନ୍ତି। ସେ ବଞ୍ଚିବେ ବୋଲି ତାଙ୍କର ବିଶ୍ୱାସ ନ ଥିଲା। ଭଗବାନ ତାଙ୍କୁ ନୂଆ ଜୀବନ ଦେଇଛନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଗୁଜରାଟରେ ଭୁବନେଶ୍ୱର ଫେରିବା ବାଟରେ କମଳାକାନ୍ତ ୧୪ ତାରିଖ ସକାଳୁ ନିଖୋଜ ସହ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ତାଙ୍କ ପରିବାର ସଦସ୍ୟଙ୍କ ନିକଟକୁ ଅଜଣା ନମ୍ବରରୁ ଫୋନ୍ କଲ ମାଧ୍ୟମରେ ଟଙ୍କା ମଗାଯାଇଥିଲା। ଗୁରୁବାର ସକାଳେ କମଳାକାନ୍ତ ଏକ ନମ୍ବରରୁ ଫୋନ କରି ଭୁବନେଶ୍ୱର ଆସୁଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଭୁବନେଶ୍ୱରରେ ରାତି ପ୍ରାୟ ୮ଟାରେ ପହଞ୍ଚିଛନ୍ତି।

ବଳରାମପୁର ଗାଁର କମଳାକାନ୍ତ ଗୁଜରାଟରୁ ଫେରୁଥିଲେ। ୧୪ ତାରିଖ ସକାଳେ ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇଥାନ୍ତେ। ୧୪ ତାରିଖ ସକାଳେ ପ୍ଲାଟଫର୍ମରେ ଚାଲୁଥିବା ସମୟରେ ସ୍ତ୍ରୀ ଭିଡିଓ କଲ ଉଠାଇ କଥା ଆରମ୍ଭ କରିବା ମାତ୍ରେ ଫୋନଟି କଟିଯାଇଥିଲା। ତା'ପରଠୁ କମଳାକାନ୍ତଙ୍କ ଫୋନ ସୁଇଚ ଅଫ୍ ସହ ସେ ନିଖୋଜ ହୋଇଯାଇଥିଲେ। ବୁଧବାର ୭୭୩୫୭୬୬୨୨୮ ନମ୍ବରରୁ ତାଙ୍କର ସମ୍ପର୍କୀୟ ଭାଇ ଦୋଳଗୋବିନ୍ଦ ବେହେରାଙ୍କ ନିକଟକୁ ଏକ ଅଜଣା କଲ ଆସିଥିଲା। ୧୫ ହଜାର ଟଙ୍କା ଦେଲେ କମଳାକାନ୍ତଙ୍କୁ ଛାଡ଼ିବେ ବୋଲି କୁହାଯାଇଥିଲା। ଗୁରୁବାର ସକାଳୁ ଅନ୍ୟ ଏକ ନମ୍ବରରୁ କମଳାକାନ୍ତ ତାଙ୍କ ସ୍ତ୍ରୀଙ୍କ ନିକଟକୁ ଫୋନ୍ କରି ସେ ଝାରସୁଗୁଡ଼ା ରେଲୱେ ଷ୍ଟେଶନରୁ ଭୁବନେଶ୍ୱର ଯାଉଥିବା ସୂଚନା ଦେଇଥିଲେ। ପରିବାର ଲୋକେ ଗାଡି ନେଇ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚି ଥିଲେ। ରାତି ୮ଟାରେ ଟ୍ରେନରୁ କମଳାକାନ୍ତ ଓହ୍ଲାଇ ଘରକୁ ଫେରୁଛନ୍ତି। କମଳାକାନ୍ତଙ୍କ ଦେହ ସାରା ମାଡ ଓ କଟାର ଚିହ୍ନ ରହିଛି। କମଳାକାନ୍ତ ଗୁଜରାଟର ଏକ ଷ୍ଟେଶନରେ ଆସୁଥିବା ବେଳେ ୩ଜଣ ଯୁବକ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟାଣି ନେଇଥିଲେ। ତାଙ୍କ ମୁହଁରେ କ'ଣ ଶୁଙ୍ଘାଇ ଦେଇଥିଲେ। କମଳାକାନ୍ତଙ୍କ ଚେତା ଫେରିବା ବେଳକୁ ସେ ଏକ ଗୋଦାମ ଘର ଭିତରେ ଥିଲେ। ବନ୍ଦ ଗୋଦାମ ଘର ମଧ୍ୟରେ ଅତି ନିର୍ମମ ଭାବେ ଅପହରଣକାରୀ ମାଡ ମାରୁଥିଲେ। କମଳାକାନ୍ତଙ୍କ ପାଖରେ ଥିବା ମୋବାଇଲ, ୮ ଶହ ଟଙ୍କା ଓ ବ୍ୟାଗ ଅପହରଣକାରୀ ନେଇ ଯାଇଛନ୍ତି। ସେ କେବଳ ହାଫ୍‌ପ୍ୟାଣ୍ଟ ପିନ୍ଧି ସେଠାରୁ ବାଥରୁମ ସ୍ଲାପ ଭାଙ୍ଗି ଖସି ଆସିବାକୁ ସକ୍ଷମ ହୋଇଛନ୍ତି। ସେଠାରୁ ଖସି ଆସିବା ପରେ ଲାଗିଥିବା ଟ୍ରେନରେ ଚଢ଼ି ସକାଳେ ଝାରସୁଗୁଡ଼ାରେ ଓହ୍ଲାଇ ସେଠାରୁ ଭୁବନେଶ୍ୱର ଆସିଛନ୍ତି।

## ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଏରସମା,୧୯।୯ (ଦୀପ୍ତି ଖଣ୍ଡୁଆଳ)



ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ଅତିଥିମାନେ ପ୍ରଦାନ କରୁଛନ୍ତି।

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ଏରସମା ବ୍ଲକ ଶିକ୍ଷା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଗୁରୁବାର ମଣ୍ଡଳସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଜଗତ୍‌ସିଂହପୁର ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ପିଲାମାନେ ହେଉଛନ୍ତି ରାଷ୍ଟ୍ରୀୟ ସମ୍ପଦ, ସେମାନଙ୍କ ବୌଦ୍ଧିକ ବିକାଶ ଆମ ସମସ୍ତଙ୍କର ଦାୟିତ୍ୱ। ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସାଧନ ସଂଯୋଜିକା ନିବେଦିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଦାଶ, ଏବିଇଓ ଲିଆକତ ଅଲ୍ଲୀ ଖାଁ, ଗୋପବନ୍ଧୁ ନାୟକ, ଶିକ୍ଷକ ଲୋକନାଥ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷଦେବ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ସ୍ଥାନୀୟ ବିଡିଓ ଲମ୍ବୋଦର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ ନୈତିକ ଶିକ୍ଷା ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶ୍ରୀମାନି ଗଚ୍ଛାୟତ ପ୍ରଥମ, ସୌମ୍ୟା ସୋମାନି ସ୍ୱାଇଁ ଦ୍ୱିତୀୟ, ଶ୍ରୀଶାନ୍ତ ଶେଖର ୩ୟ ସ୍ଥାନ କରିଥିଲେ। କନିଷ୍ଠ ବିଭାଗରେ ଆରବ ସାହୁ ପ୍ରଥମ, ସିଦ୍ଧିପ୍ରିୟା ସାହୁ ଦ୍ୱିତୀୟ, ଦିବ୍ୟାଲକ୍ଷ୍ମୀ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସର୍ବକନିଷ୍ଠ ବିଭାଗରେ ୩ ଜଣ କୃତକାର୍ଯ୍ୟ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଲକ୍ଷ୍ମୀବରାହ ନୂତନ ଗ୍ରାମ୍ୟ କମିଟି ଗଠନ

ରାଜନଗର, ୧୯।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ଗାଁର ଲକ୍ଷ୍ମୀବରାହ ନୂତନ ଗ୍ରାମ୍ୟ କମିଟି ଗଠନ କରାଯାଇଛି। ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଗାଁରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଉନ୍ନୟନମୂଳକ କାର୍ଯ୍ୟ, ଗ୍ରାମର ପରିମଳ ବ୍ୟବସ୍ଥା ପ୍ରମୁଖ ସମସ୍ୟା ଓ ଗ୍ରାମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପ୍ରଧାନ ସୂଚନା ଦେଇଥିଲେ। ଏ ନେଇ ଗାଁରେ ଏକ ନୂତନ ଗ୍ରାମ୍ୟ କମିଟି ଗଠନ କରାଯାଇଥିଲା। ନୂତନ କମିଟିର ସଭାପତି ଶରତ କୁମାର ପ୍ରଧାନ, ସମ୍ପାଦକ ଭାବେ କୈଳାସ ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଭାବେ ନାରାୟଣ ପାଣି, ବସନ୍ତ କୁମାର ପାଣି, ସତ୍ୟବାଦୀ ରାଉତ, ଶ୍ରୀକାନ୍ତ କୁମାର ପ୍ରଧାନ, ପରିକ୍ଷୀତ ପ୍ରଧାନ, ନଳିନୀକାନ୍ତ ସ୍ୱାଇଁ, ମଙ୍ଗୁଳି ଚରଣ ପାଣି, ପ୍ରାଣକୃଷ୍ଣ ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ନବନିର୍ବାଚିତ ସଭାପତି ଶରତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଜମିରୁ ଚାଷୀଙ୍କ ମୃତଦେହ ଜବତ

ରାଜନଗର, ୧୯।୯(ଭାସ୍କର ରାଉତରାୟ)

ଜମିକୁ ସାର ପକାଇବାକୁ ଯାଇ ବୁଧବାରଠୁ ନିଖୋଜ ଥିବା ଚାଷୀଙ୍କ ମୃତଦେହ ଚାଷ ଜମିରୁ ଗୁରୁବାର ଜବତ ହୋଇଛି। ଚାଷୀ ବିଲରେ କିପରି ମୃତ୍ୟୁବରଣ କଲେ, ତାହାର କାରଣ ସ୍ପଷ୍ଟ ହୋଇନି।

ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ ବଧି ଗାଁର ସୁରଥ ସାହୁ (୫୬) ବୁଧବାର ସକାଳ ୯ଟାରେ ଜମିକୁ ସାର ପକାଇବାକୁ ଯାଇଥିଲେ। ସ୍ୱାମୀ ବିଲକୁ ସାର ପକାଇବାକୁ ଯିବା ପରେ ସ୍ତ୍ରୀ ରୋଷେଇ କରି ତାଙ୍କ ପାଇଁ ବାଢ଼ି ଥୋଇ ଦେଇ କାଠପାଙ୍ଗରା ଛକରେ ଥିବା ଜନସେବା କେନ୍ଦ୍ରକୁ ସୁଭଦ୍ରା ଟଙ୍କା ଆସିଛି କି ନାହିଁ ଜାଣିବାକୁ ଯାଇଥିଲେ। ଜନସେବା କେନ୍ଦ୍ରରେ ଭିଡ଼ ଥିବାରୁ ସ୍ତ୍ରୀ ଘରକୁ ଫେରିବା ବେଳକୁ ଅପରାହ୍ନ ୩ଟା ହୋଇଯାଇଥିଲା। ସ୍ତ୍ରୀ ଘରେ ପହଞ୍ଚିବା ବେଳକୁ ଖାଦ୍ୟ ସେମିତି ଥୁଆ ହୋଇଥିଲା। ସୁରଥ ବିଲରୁ ଫେରି ନାହାନ୍ତି ନା ଅନ୍ୟ କେଉଁଠି ଖାଇ ଆଉ କାହାର କାମକୁ ଯାଇଛନ୍ତି, ଭାବି ସ୍ତ୍ରୀ ତାଙ୍କୁ ସନ୍ଧ୍ୟା ଯାଏ ଅପେକ୍ଷା କରିଥିଲେ। ରାତି ଯାଏ ସୁରଥ ଘରକୁ ନ ଫେରିବାରୁ ପରିବାର ଲୋକେ ବନ୍ଧୁବାନ୍ଧବ ଓ ଗାଁରେ ଖୋଜାଖୋଜି କରିଥିଲେ। ସୁରଥଙ୍କ କୌଣସି ଖବର ପାଇ ନ ଥିଲେ। ଗୁରୁବାର ସକାଳେ ସୁରଥଙ୍କ ମୃତଦେହ ତାଙ୍କ ଜମିରୁ ମିଳିଥିଲା। ଜମିରେ ମୁହଁମାଡ଼ି ହୋଇ ପଡ଼ିଥିବା ଅବସ୍ଥାରେ ତାଙ୍କ ମୃତଦେହ ମିଳିଥିଲା। ପରିବାର ଲୋକେ ସୁରଥଙ୍କ ମୃତଦେହ ଉଦ୍ଧାର କରି ଗାଁ ଶ୍ମଶାନରେ ଶେଷକୃତ୍ୟ ସାରିଛନ୍ତି। ସୁରଥ ୪ ଏକର ଜମି ଭାଗଚାଷ କରିଥିଲେ। ଚାଷ କଲେ ପରିବାର ଚଳେ। ବର୍ତ୍ତମାନ ଧାନ ଗଛରେ ପୋକ ଲାଗୁଥିବାରୁ ବୁଧବାର ଜମିକୁ ସାର ପକାଇବାକୁ ଯାଇଥିଲେ। ସୁରଥଙ୍କ ମୃତ୍ୟୁ କାରଣ ଜଣାପଡ଼ିନାହିଁ।

## ଗୋମିତ୍ର ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବି

କେନ୍ଦ୍ରାପଡ଼ା, ୧୯।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଗୋମିତ୍ର ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଏକ ଦାବିପତ୍ର ଗୁରୁବାର ଦିଆଯାଇଛି। ଏ ସମ୍ପର୍କରେ ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି,



ଗୋମିତ୍ରମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ସରକାରଙ୍କ ଆହ୍ୱାନକ୍ରମେ ଗତ ୨୦୦୩ ମସିହାରୁ ଗୋମିତ୍ର ପଦବୀରେ କାର୍ଯ୍ୟ କରୁଛନ୍ତି। କୃତ୍ରିମ ପ୍ରଜନନ, ଟିକାକରଣ, ପଶୁପକ୍ଷୀଙ୍କ ଗଣନା କାର୍ଯ୍ୟକ୍ରମ, ଜରୁରିକାଳୀନ ସମୟରେ ଗୋମହିଷାଦିଙ୍କ ଚିକିତ୍ସା ବ୍ୟବସ୍ଥା ଗୋମିତ୍ରମାନେ ସହାୟକ ଭାବେ ରହିଆନ୍ତି। ତେବେ ଏ ନେଇ ଆବଶ୍ୟକ ପ୍ରୋତ୍ସାହନ ରାଶି ମିଳୁ ନ ଥିବାରୁ ପରିବାରର ଭରଣପୋଷଣରେ ଆର୍ଥିକ ଦୁର୍ଗତି ଲାଗି ରହିଛି। ଏହି ସଂଘ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ସ୍ଥାୟୀ ନିଯୁକ୍ତି ଦାବି କରାଯାଉଛି। ୨୦୧୭ରେ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ପରବର୍ତ୍ତୀ ସମୟରେ ବୟସ ସୀମା ୫୫କୁ କୋହଳ କରି ଅନ୍ୟ ଜିଲାରେ ଗୋମିତ୍ରଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲା ଏଥିରୁ ବଞ୍ଚିତ ହୋଇଛି। ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଦାବିପତ୍ର ପ୍ରଦାନକାରୀ ପାତ୍ର କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ନିମାଇଁ ଚରଣ ସାମଲ, ସରୋଜ କୁମାର ସେଠୀ, ପ୍ରଦୀପ୍ତ କୁମାର ରାଉତ, ଜ୍ଞାନରଞ୍ଜନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଅନଶନକାରୀଙ୍କୁ ବୁଝାଇପାରିଲେନି ଅଧିକାରୀ

ରାଜକନିକା, ୧୯।୯(ସଞ୍ଜୟ କୁମାର ଦାଶ)

- ବରୁଣା ପାକ୍ସରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା
- ଆମରଣ ଅନଶନକୁ ୧୦ ଦିନ ବିତିଲା




ଅନଶନକାରୀଙ୍କୁ ସମବାୟ ବିଭାଗର ଅଧିକାରୀ ବୁଝାଶୁଝା କରୁଛନ୍ତି।

ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚାଷୀମାନଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣାରେ ଚାଷୀମାନଙ୍କୁ ନେଇ ଗତ ୧୦ରୁ ସମିତିସଭ୍ୟ ପ୍ରବେଶନ ମଲିକ କରିଥିବା ଆମରଣ ଅନଶନ ୧୦ଦିନରେ ପହଞ୍ଚିଛି। ଗୁରୁବାର ଅପରାହ୍ନରେ କେନ୍ଦ୍ରାପଡ଼ା ମଣ୍ଡଳ ଉପନିବନ୍ଧକ ସମବାୟ ସମିତି ସମୂହ ସନ୍ତୋଷ କୁମାର ଦାଶ ଓ ବିଭାଗୀୟ ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ ଅନଶନସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ଉଠି ଯିବାକୁ ବୁଝାଶୁଝା କରିଥିଲେ। ଅଭିଯୋଗର କୌଣସି ତଥ୍ୟ ପ୍ରମାଣ ନାହିଁ ବୋଲି କହି ଅନଶନକାରୀଙ୍କୁ ମିଥ୍ୟା କହି ଭ୍ରମିତ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ବରୁଣା ପାକ୍ସରେ ଟଙ୍କା ହଡ଼ପକୁ ନେଇ ଦୁର୍ନୀତି ହୋଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସମବାୟ ସମିତିର ସମ୍ପାଦକ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକଙ୍କ ବିରୋଧରେ ଚାଷୀମାନେ ଏତଲା ଦେଇଥିଲେ। ହେଲେ ପୋଲିସ ଓ ସମବାୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କାହା ଚାପରେ ନିଆଯାଉନାହିଁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ମାତ୍ର ଗୋଟିଏ ମାମଲା ରୁଜୁ କରି ବସିରହିଛି। ସମବାୟ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ପ୍ରଶାସନ ପକ୍ଷରୁ ଚାଷୀମାନେ ନ୍ୟାୟ ନ ପାଇବାରୁ ବୁଧବାରଠାରୁ ଚାଷୀଙ୍କ ହକ୍ ପାଇବା ପାଇଁ ଆନ୍ଦୋଳନକୁ ଆଉ ପାଦେ ଆଗେଇ ନେଇଛନ୍ତି। ଚାଷୀମାନେ ରାଜକନିକାରୁ ରାଜଧାନୀ ପଦଯାତ୍ରାରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବା ସହ ଦୁର୍ନୀତି କରିଥିବା ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନିର୍ବାଚନମଣ୍ଡଳୀର ୩୮ଟି ପାକ୍ସର ସିଏଜି ତଦନ୍ତ କରିବାକୁ ନିବେଦନ କରିବେ ବୋଲି କହିଛନ୍ତି। ଏହି ପଦଯାତ୍ରାରେ ଚାଷୀ, ଯୁବକ, ମହିଳା ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଛନ୍ତି। ଆଶା ରଖିଛନ୍ତି, ମୁଖ୍ୟମନ୍ତ୍ରୀଠାରୁ ନିଶ୍ଚୟ ନ୍ୟାୟ ପାଇବେ। ଏହି ଚାଷୀ ପଦଯାତ୍ରାରେ କୃଷକ ନେତା ରାଜନାରାୟଣ ଜେନା, ଚାଷୀ ସୂର୍ଯ୍ୟମଣୀ ସାହୁ, ଶୁଭ୍ରଜିତ୍ ବିଶ୍ୱାଳ, ସଂଗ୍ରାମ ମଲ୍ଲିକ, ରଜତ ଦାସ, ଜଗନ୍ନାଥ ସାମଲ, ପବିତ୍ର ମୋହନ ମିଶ୍ର ପ୍ରମୁଖ ଶତାଧିକ ଚାଷୀ ସାମିଲ ଅଛନ୍ତି।

**ସଂକ୍ଷେପରେ**

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୧୯।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ବ୍ଲକ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟମାନେ ଯୋଗ ଦେଇଥିଲେ। ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ନିକଟସ୍ଥ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ଠାରେ ପହଞ୍ଚିଥିଲା।

ଏକ ସବୁଜ ପରିବେଶ ଗଠନ ନିମନ୍ତେ ବ୍ୟାପକ ଚାରା ରୋପଣ କରିବା ସହ ପରିବେଶକୁ ସଦା ସର୍ବଦା ସଫା ରଖିବା ସହ ଅନ୍ୟମାନଙ୍କୁ ଏଥି ପାଇଁ ପ୍ରେରଣା ଦେବା ପାଇଁ ଖଣ୍ଡପଡ଼ା ବ୍ଲକ ଓ ଏନଏସି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଶପଥ ନେଇଥିଲେ । ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାସଙ୍ଗିକତା ହରାଉଛି ପ୍ରାଚୀନ ଭାଗବତ ସଂସ୍କୃତି

ଖଣ୍ଡପଡ଼ା,୧୯।୯
(ଅଜୟ କୁମାର ମହାରଣା)

ଓଡ଼ିଆ ଜାତିର ଜୀବନଧାରାରେ ଭାଗବତ ଅଙ୍ଗାଙ୍ଗୀ ଭାବେ ଜଡିତ । ସଂପ୍ରତି ଏହି ପ୍ରାଚୀନ ସଂସ୍କୃତି ଏବେ ଏହାର ପ୍ରାସଙ୍ଗିକତା ହରାଇ ବସୁଥିବା ଅଭିଯୋଗ ହୋଇଛି। ଅନ୍ତିମ ଶଯ୍ୟା ନିକଟରେ ଭାଗବତ ବୋଲାଯିବାର ଭାବନା ଓ ବିଶ୍ୱାସ ଆଜି ଯାଏ ଅତୁଟ ରହିଛି। ବିଶେଷ କରି ଶୁଦ୍ଧିକ୍ରିୟା ପରେ ଏବଂ ପିଲାମାନଙ୍କ ଏକୋଇଶା କିମ୍ବା ଜନ୍ମଦିନରେ ଭାଗବତ ବୋଲିବାର ନଜିର ରହିଛି। ଭାଗବତ ଓଡ଼ିଆ ଭାଷାର ଚିରନ୍ତନ ଅମୂଲ୍ୟ ବିଭବ। ଅତୀତରେ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀ ରହିଥିଲା । ଏବେ ବି ଅନେକ ପଲ୍ଲୀ ତଥା ମଫସଲ ଗାଁରେ ଏହି ଭାଗବତ ଘର ରହିଥିବା ବେଳେ ସେଠାରେ ଭାଗବତ ପୋଥି, ଭାଗବତ ପୁସ୍ତକ ପ୍ରତିଦିନ ପୂଜା ପାଉଛି । ସନ୍ଧ୍ୟା ନଇଁଲେ ଲୋକେ ପ୍ରତି ଦିନର କାର୍ଯ୍ୟ ସମ୍ପାଦନ କରି ଏକାଠି ହୋଇ ଭାଗବତ ବୋଲିବାର ପରମ୍ପରା ଏବେ ବି ବଞ୍ଚିଛି । ଗ୍ରାମ ସଂସ୍କୃତିରେ ଏହାଦ୍ୱାରା ଭାଇଚାରା ବୃଦ୍ଧି ପାଇଥାଏ ।

ଭାଦ୍ରବ ମାସ ପୂର୍ଣ୍ଣମୀକୁ ଭାଗବତ ଜନ୍ମ ଭାବେ ପାଳନ କରାଯାଉଛି । ବୁଧବାର ଥିଲା ଭାଗବତଙ୍କ ଜନ୍ମ। ଆଜିର ଦିନରେ ଜଗନ୍ନାଥ ଦାସ ଭାଗବତ ଲେଖିବା ଆରମ୍ଭ କରିଥିବା କଥିତ ଅଛି । ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ ଓ ପ୍ରସାରିତ କରିବା ଦିଗରେ ଏବଂ ଓଡ଼ିଆମାନଙ୍କ ଭାଗବତ ସଂହତି ରକ୍ଷା କରିବା ଦିଗରେ ଏହାର ଅବଦାନ ଅସୀମ ବୋଲି ସାଧାରଣରେ ବେଶ ଜଣାଶୁଣା । ତେବେ ଏହି ପ୍ରାଚୀନ ଲୋକକଳା ସଂସ୍କୃତି ଭାଗବତ କାଳକ୍ରମେ ଆଧୁନିକତାର


ଭାଗବତ ଜନ୍ମ ଅବସରରେ ଜଣେ ଗାୟିକା ଭଜନ ପରିବେଷଣ କରୁଛନ୍ତି।

ଛାପରେ ହଜି ଯିବାକୁ ବସିଛି । ତେବେ ନୟାଗଡ଼ ଜିଲା ଖଣ୍ଡପଡ଼ା ଗ୍ରାମାଞ୍ଚଳର ଅଧିକାଂଶ ଯୁବକ ପରିବାର ପ୍ରତିପୋଷଣ ଲକ୍ଷ୍ୟରେ ସହରାଭିମୁଖୀ ହେବା ଯୋଗୁ ଏଭଳି ପୁରାତନ ସଂସ୍କୃତିକୁ ଭୁଲିଯିବାକୁ ବାଧ୍ୟ ହୋଇଛନ୍ତି । ତେବେ ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡିଆ, ଚଇତନପୁର, ଗୋପିନାଥପୁର, ମର୍ଦ୍ଦରାଜପୁର, ଖଳିସାହି, ଜଗନ୍ନାଥପ୍ରସାଦ, ଶାଳଝରିଆ, କୁମ୍ଭାରପଡା, କୋସକା ଆଦି ଗ୍ରାମର ଅନେକ ଯୁବକ ଓ କେତେଜଣ ବରିଷ୍ଠ ନାଗରିକ ଏହି ସଂସ୍କୃତିର ପୁନରୁଦ୍ଧାର କରିବାକୁ ପ୍ରୟାସ ଜାରି ରଖିଛନ୍ତି । ପ୍ରାୟ ସବୁ ଗ୍ରାମର ମହିଳାମାନେ ମହିଳା ସଂକୀର୍ତ୍ତନ ତଥା ଭାଗବତ ମଣ୍ଡଳୀ ଗଠନ କରି ଏହି କଳା ସଂସ୍କୃତିକୁ ଉଜ୍ଜିବିତ କରୁଥିବା ପରିଲକ୍ଷିତ ହେଉଛି ।

ସନ୍ଧ୍ୟା ନଇଁ ଆସିଲେ ସେହି ଗୋଷ୍ଠୀମାନେ ଏକତ୍ରିତ ହୋଇ ଭାଗବତ ପଠନ ସହ ସଂକୀର୍ତ୍ତନ ଅଭ୍ୟାସ କରୁଛନ୍ତି। ଆଉ ଗାଁ ଗଣ୍ଡାରେ ଭାଗବତ ଟୁଙ୍ଗି ଦେଖିବାକୁ ମିଳୁନି । ସେହି ସ୍ଥାନରେ ଗଢି ଉଠିଛି ବିଭିନ୍ନ କ୍ଲବ ଓ କୋଠଘର। ଭାଗବତ ପଠନ ଶୈଳୀରେ ମଧ ପରିବର୍ତ୍ତନ ଆସିଛି । ଏବେ ଭାଗବତ ପଠନରେ ଆଧୁନିକ ଭଜନ ଗାନ କରାଯାଉଛି। ନୂତନ ଶୈଳୀରେ ଭାଗବତ ପୋଥି ପଠନ ମାଧମରେ ଅନ୍ୟାନ୍ୟ ଭକ୍ତି ରାସାତ୍ମକ ଗୀତ ବୋଲା ଯାଉଥିବାରୁ ତାହା ଶ୍ରୋତାମାନଙ୍କୁ ଆକୃଷ୍ଟ କରୁଛି । ବୁଧବାର କଣ୍ଟିଲୋ ନୀଳମାଧବ ପୀଠ, ସିଧାମୂଳା ଗୋକୁଳାନନ୍ଦ ପୀଠ, ଖଣ୍ଡପଡ଼ା, ଖଳିସାହି, ବେଣାଗାଡିଆ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଭାଗବତ ଅନୁଷ୍ଠାନରେ ଭାଗବତ ଜନ୍ମ ପାଳିତ ହେଉଥିବା ବେଳେ କଣ୍ଟିଲୋ ଅଞ୍ଚଳରେ ଗଠିତ ଶ୍ରୀ ନୀଳମାଧବ ଭାଗବତ ମଣ୍ଡଳୀ ଗ୍ରାମମାନଙ୍କରେ ଲୁପ୍ତ ହୋଇ ଯାଉଥିବା ଲୋକ କଳା ଭାଗବତକୁ ଉଜ୍ଜିବିତ କରିବା ଲକ୍ଷ୍ୟରେ ସ୍ଥାନୀୟ ଅଞ୍ଚଳର ଫକୀର ଅତବୁଦ୍ଧି ପାଟଣା, ମାଧବଚୌଧୁରୀପାଟଣା, କୃଷ୍ଣେଶ୍ୱର ପାଟଣା, ବାପୁଜୀ ନଗର ଓ କଂସାରୀସାହି ପାଟଣା ଏବଂ ବଡବାଣପୁର ପଞ୍ଚାୟତର ବିଭିନ୍ନ ଭାଗବତ ଗୋଷ୍ଠୀର ଭାଗବତ ପ୍ରେମୀ ଉତ୍ସାହୀ ଯୁବ କଳାକାରଙ୍କୁ ଏକାଠି କରି ପ୍ରୟାସ ଜାରି ରଖିଛି । ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିର ଓ ଭାଗବତ ଅନୁଷ୍ଠାନରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯିବା ଜରୁରୀ ହୋଇ ପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଅବସରପ୍ରାପ୍ତ କନିଷ୍ଠ କିରାଣି

ଖଣ୍ଡପଡ଼ା,୧୯।୯
(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅବସରପ୍ରାପ୍ତ କନିଷ୍ଠ କିରାଣୀ ରବିନ୍ଦ୍ର ନାଥ ମିଶ୍ର ବିଭିନ୍ନ ଦାବି ନେଇ ବୁଧବାର ସକାଳୁ କଲେଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମାତ୍ର କଲେଜ ଅଧକ୍ଷ ରଣଜିତ କୁମାର ତ୍ରିପାଠୀ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଛୁଟିରେ ଥିବାରୁ ଭାରପ୍ରାପ୍ତ ଅଧକ୍ଷ ଶରତ କୁମର ସାହୁ ଓ ଷ୍ଟାଫ୍ ଆସୋସିଏଶନ ସଭାପତି ଅଧ୍ୟାପକ ହୃଷିକେଶ ମିଶ୍ର ଧାରଣାରତ ମିଶ୍ରଙ୍କୁ ବୁଝାଶୁଝା ସହ ଅଧକ୍ଷ ଆସିଲେ ଆସନ୍ତା ୪ ଦିନ ମଧ୍ୟରେ ତୁମର ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପରେ ମିଶ୍ର ଧାରଣାରୁ ଓହରିଛନ୍ତି।

ସୂଚନାଯୋଗ୍ୟ, ମିଶ୍ର ୨୦୨୦ ଜୁନ ୩୦ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ । ଅବସର ସମୟରେ ତାଙ୍କର ସମସ୍ତ ଇପିଏଫ୍ ଓ ପେନସନ କାଗଜପତ୍ର କାମ ତୁରନ୍ତ ଶେଷ କରିବାକୁ ସେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିବେଦନ କରିଥିଲେ । ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ସେହି କାମ ସରିବ ବୋଲି କଲେଜ କର୍ତ୍ତୃପକ୍ଷ ମିଶ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ମିଶ୍ର ଅଗଷ୍ଟ ମାସ ସୁଦ୍ଧା ଇପିଏଫ୍ ଓ ପେନସନ ଅର୍ଥ ପାଇ ପାରିବେ ବୋଲି ଆଶା ପ୍ରକଟ କରିଥିଲେ । ମାତ୍ର ଏହି ସମୟ ମଧ୍ୟରେ ମିଶ୍ରଙ୍କ କୌଣସି କାଗଜପତ୍ର ହୋଇ ନ ଥିବାରୁ ସେ ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ନିବେଦନ କରିଥିଲେ ମଧ କୌଣସି ସୁଫଳ ମିଳି ନଥିଲା। ଫଳରେ ସେ ପୂର୍ବ ସୂଚନା ଅନୁଯାୟୀ ବୁଧବାରଠାରୁ ଧାରଣା ଦେଇଥିଲେ।

## ପ୍ରଫେସର ସତ୍ୟ ନାରାୟଣ ପାଇଲେ ସଂସ୍କୃତ ସୌରଭ ସମ୍ମାନ


ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ ସଂସ୍କୃତ ସୌରଭ ସମ୍ମାନ ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା,୧୯।୯
(ଅଜୟ କୁମାର ମହାରଣା)

ରାଜ୍ୟ ଉତ୍କଳ ସଂସ୍କୃତ ଶିକ୍ଷକ କଳାହାଣ୍ଡି ମଣ୍ଡଳ ଶାଖା ପକ୍ଷରୁ ଭବାନୀପାଟଣାଠାରେ ବିଶ୍ୱ ସଂସ୍କୃତ ଦିବସ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ ସଂସ୍କୃତ ସୌରଭ ସମ୍ମାନ-୨୦୨୪ରେ ସମ୍ମାନୀତ କରାଯାଇଛି । ଆଚାର୍ଯ୍ୟଙ୍କ ଘର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ନଟବରପୁର ଶାସନ ଗ୍ରାମରେ ହୋଇଥିବା ବେଳ ଏଠାରେ ସେ ଏକ ବେଦ ପାଠଶାଳା ପ୍ରତିଷ୍ଠା କରି ବ୍ରାହ୍ମଣ ପିଲାମାନଙ୍କୁ ନିଶୁଳ୍କ ଶିକ୍ଷାଦାନ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା କରିଛନ୍ତି । ଆଚାର୍ଯ୍ୟଙ୍କୁ ବୈଦିକ ସଂସ୍କୃତି ଓ ସଂସ୍କୃତ ଭାଷାର ପ୍ରଚାର, ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ମଣ୍ଡଳ ଶାଖା ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଫେସର ଆଚାର୍ଯ୍ୟ ଏବେ ଆନ୍ଧ୍ରପ୍ରଦେଶ ରାଜ୍ୟର ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାନୁଶାସକ ଭାବେ କାର୍ଯ୍ୟ କରୁଛନ୍ତି । ଦୀର୍ଘ ୪୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଂସ୍କୃତ ଭାଷାକୁ ସାର୍ବଜନୀନ କରିବା ନିମନ୍ତେ ସେ ଅହରହ ସଂଗ୍ରାମ ଜାରି ରଖିଛନ୍ତି ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ

ରଣପୁର,୧୯।୯
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଗୋପାଳପୁର ଉଚ୍ଚ ବିଦ୍ୟାଳୟରେ ବୁଧବାର ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଗୋପାଳପୁର ଜିଲା ପରିଷଦ ଲକ୍ଷ୍ମୀପ୍ରିୟା ତରେଇ, ନୟାଗଡ଼ ଜିଲା ଶିକ୍ଷକ ପ୍ରଶିକ୍ଷକ ପ୍ରତିଷ୍ଠାନର ଅଧକ୍ଷ ବିଜୟ କୁମାର ତ୍ରିପାଠୀ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରସାନନ୍ଦ ପ୍ରଧାନ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିଲତା ଦେଇ, ଗୋପାଳପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଙ୍ଗଦ କୁମାର ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବନଲତା ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷକ ତଥା ସାହିତ୍ୟକ ପ୍ରଭାତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ୧୮ କ୍ଲଷ୍ଟରରୁ ୨୩୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ସାର୍ଟିଫିକେଟ ଓ ପୁସ୍ତକ ଦିଆଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥି ସହିତ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ପୁସ୍ତକ ପ୍ରଦାନ କରାଯାଇଥିଲା । ଶିକ୍ଷକ ତଥା କବି ମାନସ ପଟ୍ଟନାୟକ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କୁଇଜ୍ ପ୍ରତିଯୋଗିତାରେ ଯୋଗ ଦେଇଥିବା ପ୍ରତିଯୋଗୀ ଓ ଅତିଥି ବୃନ୍ଦ।

## କଲେଜ ଛାତ୍ରୀଛାତ୍ରଙ୍କୁ ମୋଟର ଯାନ ନିୟମ ଉପରେ ସଚେତନତା


ପୋଲିସ ମୋଟରଯାନ ନିୟମ ସଂକ୍ରାନ୍ତରେ ଛାତ୍ରମାନଙ୍କୁ ବୁଝାଉଛନ୍ତି।

ଖଣ୍ଡପଡ଼ା,୧୯।୯
(ଅଜୟ କୁମାର ମହାରଣା)

କଣ୍ଟିଲୋ ଫାଣ୍ଡି ପୋଲିସ ପକ୍ଷରୁ ବୁଧବାର କଲେଜ ଛାତ୍ରୀଛାତ୍ରଙ୍କୁ ମୋଟର ଯାନ ନିୟମ ଉପରେ ସଚେତନ କରାଯାଇଛି । ଏହି ଅବସରରେ ବିଭିନ୍ନ ଯାନବାହନ ଯାଞ୍ଚ କରାଯାଇଥିଲା । ବିନା ହେଲମେଟରେ ଗାଡ଼ି ଚାଳନା କରୁଥିବା ଚାଳକମାନଙ୍କୁ ଅଟକାଇ ଗାଡି ଚାଳନା କରିବା ସମୟରେ ଟ୍ରାଫିକ ନିୟମକୁ ମାନି ଗାଡି ଚଳାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ନିଜର ସୁରକ୍ଷା ଦୃଷ୍ଟିରୁ ହେଲମେଟ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଓ ସହକାରୀ ମନୋରଞ୍ଜନ ପଣ୍ଡା ସହ ଅନ୍ୟ କର୍ମଚାରୀମାନେ ସ୍ଥାନୀୟ କଣ୍ଟିଲୋ-ବାଣପୁର ମୁଖ୍ୟ ରାଜ୍ୟ ରାଜପଥ ନୀଳମାଧବ ମହାବିଦ୍ୟାଳୟ ରାସ୍ତାରେ ରହି ବିଭିନ୍ନ ଯାନବାହନକୁ ଅଟକାଇ ଟ୍ରାଫିକ ନିୟମ ସହ ମୋଟରଯାନ ନିୟମ ସମ୍ପର୍କରେ ସଚେତନତା କରିଥିଲେ । ଅପରପକ୍ଷରେ ସ୍ଥାନୀୟ ମହାବିଦ୍ୟାଳୟକୁ କଣ୍ଟିଲୋ ଓ ଏହାର ଆଖପାଖ ବାଣପୁର, ବେଣାଗାଡିଆ, ସିଧାମୂଳା, ପଥରଚକଡା, ଧାନଚେଙ୍ଗଡା ଆଦି ପଞ୍ଚାୟତର ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ଯାନବାହନରେ କଲେଜକୁ ଆସିଥାଆନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ମୋଟରଯାନ ନିୟମ, ଟ୍ରାଫିକ ନିୟମକୁ ଅବମାନନା କରି ଗାଡ଼ି ଚଳାଇଥାଆନ୍ତି । ଟ୍ରାଫିକ ନିୟମ ଉଲ୍ଲଂଘନ କରି ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟିଥାଏ । ଫଟୋଅଛି ।

## ଶିକ୍ଷକ ପଦବୀ ଖାଲିଥାଇ ଅନ୍ୟତ୍ର ବଦଳି

ନୟାଗଡ଼,୧୯।୯(ଲୋକନାଥ ମିଶ୍ର)

ରଣପୁର ବ୍ଲକ୍ ଲେଖନପୁର ୟୁଜିଏମ୍‌ଇ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲିଥାଇ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି (ଡେପ୍ଲୁଏଡ) କରିବାକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଡେପ୍ଲୁଏଡ ଶିକ୍ଷକଙ୍କ ଅର୍ଡର ପ୍ରତ୍ୟାହାର ଦାବି କରି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଗାଁ ବାସିନ୍ଦା, ପରିଚାଳନା କମିଟି ସଦସ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ଦେଇ ପୁର୍ନବିଚାର କରିବାକୁ ଫେରାଦ୍ ହୋଇଛନ୍ତି। ଶିକ୍ଷା ବିଭାଗ ତରଫରୁ ଡେପ୍ଲୁଏଡ ଆଦେଶ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି।ଲେଖନପୁର ୟୁଜିଏମ୍‌ଇ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସେଠାରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସଂପୃକ୍ତ ସ୍କୁଲରେ ୮ଜଣ ଶିକ୍ଷକ ପଦବୀ ରହିଥିବାବେଳେ ଏବେ ୫ଜଣ ଅଛନ୍ତି। ପୂର୍ବରୁ ଜଣେ ଡେପ୍ଲୁଏଡ ହୋଇଥିବାବେଳେ ଏବେ ଜଣେ ଡେପ୍ଲୁଏଡ ହୋଇଛନ୍ତି। ବିଦ୍ୟାଳୟରେ ଶିକ୍ଷକ ପଦବୀ କାଲି ପଡିଥିବାରୁ ପାଠପଢ଼ା ବ୍ୟାହାତ ହେଉଥିବାବେଳେ ୨ଜଣ ଶିକ୍ଷକଙ୍କୁ ଡେପ୍ଲୁଏଡ କରିବା ବିବାଦର କାରଣ ପାଲଟିଛି। ଏନେଇ ବୃନ୍ଦାବନପୁର ସରପଞ୍ଚ କୀର୍ତ୍ତନ ପ୍ରଧାନ ଓ ସମିତି ସଭ୍ୟ ପୁଷ୍ପାଞ୍ଜଳୀ ମିଶ୍ର କୁହନ୍ତି, ଡେପ୍ଲୁଏଡ କରିବାର ଆବଶ୍ୟକତା ନ ଥାଇ ମଧ୍ୟ ଡେପ୍ଲୁଏଡ କରାଯାଉଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଥିଲେ ମଧ ତାକୁ ଅଣଦେଖା କରାଯାଇଛି। ଡେପ୍ଲୁଏଡକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ସେ କହିଛନ୍ତି।

## ପିତୃପକ୍ଷ ପାଇଁ ଶ୍ରାଦ୍ଧ,ପିଣ୍ଡଦାନ

ଖଣ୍ଡପଡ଼ା,୧୯।୯ (ଅଜୟ କୁମାର ମହାରଣା)

ଭାଦ୍ରବ ମାସ ଶୁକ୍ଳପକ୍ଷ ଅପରପକ୍ଷ(ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ । ଜଣେ ଗୃହସ୍ଥ ଜୀବଦଶାରେ ୫ଟି ଋଣ ଶୁଝିବାର ବ୍ୟବସ୍ଥା ଅଛି । ସେଥି ମଧ୍ୟରୁ ପିତୃଋଣ ଅନ୍ୟତମ । ଶାସ୍ତ୍ର ପୁରାଣରେ ଏହାର ଅବତାରଣା ଛଳରେ ପ୍ରତିପାଦନ କରାଯାଇଛି- ମାତା ପିତାଙ୍କ ବିଶେଷତ୍ୱ । ମାତା ପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ । ତେଣୁ ମାତା ପିତାଙ୍କ ତୃପ୍ତି ବିଧାନ ପାଇଁ ଏବଂ ଏହି ପରମ୍ପରା କ୍ରମେ ପିତୃଋଣରୁ ମୁକ୍ତି ପାଇବା ପାଇଁ ଏହି ଦିନଠାରୁ ପିତୃ ପୁରୁଷଙ୍କ ନାମରେ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଶ୍ରାଦ୍ଧ ଦେଉଥିବା ବେଳେ ଜୀବର ମୃତ୍ୟୁ ପରେ ସେହି ଆତ୍ମା ଦେବତା, ମନୁଷ୍ୟ, ପଶୁପକ୍ଷୀ, ଭୂତ ପ୍ରେତ, ବୃକ୍ଷଲତା ଆଦି ଯେ କୌଣସି ଦେହ ପାଇଥାଏ ବୋଲି ପୁରୋହିତ କାର୍ଯ୍ୟ



ସଂପନ୍ନ କରୁଥିବା ପ୍ରଦୀପ୍ତ କୁମାର କର କହିଥିଲେ । ଶାସ୍ତ୍ର ମତରେ ଏହି ସମୟ ମଧ୍ୟରେ ଦିବଂଗତ ପୂର୍ବଜମାନେ ସୁକ୍ଷ୍ମ ଶରୀରରେ ପୃଥିବୀକୁ ଆସିଥାଆନ୍ତି । ସେ ଆତ୍ମା ଯେ କୌଣସି ଦେହ ପାଇଥିଲେ ମଧ ଦିଆଯାଉଥିବା ପିଣ୍ଡ ସେମାନଙ୍କ ଆବଶ୍ୟକ ହେଉଥିବା ଖାଦ୍ୟ ପଦାର୍ଥ ଛଳରେ ପ୍ରାପ୍ତ ହୋଇଥାଏ । ବେଦର ପରାମର୍ଶ ଅନୁସାରେ ମାତା ଓ ପିତା ଦେବତା ଅଟନ୍ତି । ଆଉ ଦେବ ପିତୃ କାର୍ଯ୍ୟରେ ଅବହେଳା କରିବା ଆଦୌ ଉଚିତ ନୁହେଁ । ଏଣୁ ପ୍ରତ୍ୟେକ ଜ୍ୟେଷ୍ଠପୁତ୍ର ନିଜ ପିତୃଗଣଙ୍କ ତୃପ୍ତି ଓ ସେମାନଙ୍କ କଲ୍ୟାଣ ପ୍ରାପ୍ତି ପାଇଁ ଶ୍ରାଦ୍ଧ, ତର୍ପଣ ଆଦି କରିବା ଜରୁରୀ ଅଟେ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

## ୩ ବର୍ଷ ବିତିଲା, ସରୁନି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ

ଦାରିଙ୍ଗବାଡି,୧୯।୯(ଅରୁଣ ସାହୁ)

ସିମନବାଡି-ସିକକେତା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୩ ବର୍ଷ ହେଲା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଲୋକମାନେ ସମସ୍ୟା ଭୋଗୁଥିବାରୁ ଗୁରୁବାର ଉକ୍ତ ଅଞ୍ଚଳବାସୀ ଓ ଅନ୍ତରଙ୍ଗ ଯୁବସଂଘ ପକ୍ଷରୁ ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟମହାବିଦ୍ୟାଳୟକୁ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟ ସମେତ ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହଇରାଣ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଭଳି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଥିବାରୁ ଗର୍ଭବତୀ ଓ ରୋଗୀମାନେ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚିଲା ବେଳେ ରୋଗ



ଅଞ୍ଚଳବାସୀ ବିଡିଓ ଗଦାଧର ପାତ୍ରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

**■ସିମନବାଡି -ସିକକେତା ରାସ୍ତା ଶୋଚନୀୟ**

ଦ୍ୱିଗୁଣିତ ହେଉଛି। ଲୋକଙ୍କ ଲାଇଫଲାଇନ କୁହାଯାଉଥିବା ଦାରିଙ୍ଗବାଡ଼ି ବ୍ଲକ ବାଡାବାଙ୍ଗା ପଞ୍ଚାୟତର ସିକକେତାଠାରୁ ସିମନବାଡିକୁ ସଂଯୋଗ କରୁଥିବା ୧୫ କିମି ରାସ୍ତାର ଅବସ୍ଥା ଶୋଚନୀୟ ଯୋଗୁ ଜରୁରୀ କାର୍ଯ୍ୟ ନ ଥିଲେ ସେହି ରାସ୍ତାରେ ଲୋକମାନେ ଯାତାୟାତ କରୁ ନ ଥିବା କହିଛନ୍ତି। ସମ୍ପ୍ରସାରଣ ଆରମ୍ଭ ହେବାର ପ୍ରାୟ ୩ ବର୍ଷ ବିତିଲା ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ମଧ ଲୋକଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। ଏ ସମ୍ପର୍କରେ ଉକ୍ତ ଅଞ୍ଚଳବାସୀ ଘନ ଘନ ବୈଠକ କରି ଉକ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରିବୁ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବିଡିଓ ଅଭିଯୋଗ ପତ୍ର ପାଇବା ପରେ ସେ ପୂର୍ତ୍ତ ବିଭାଗକୁ ଜଣାଇ ପଦକ୍ଷେପ ନେବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି।

